# ଶତଦ୍ରୁପା

## ସମ୍ପାଦକୀୟ

ସନ୍ଦେହ କୁହେଳି ଯାତ୍ରୀ ଗାରଦ୍ଧା ହୃଦୟହୀନ ସମ ମନନ
ଘାଗଳି କାଳିମା ଛୁଟି ଦେଲା କିଏ ବେଳିକାଳ ରଶ୍ମି ପ୍ରଆନ ||

ଶୋଷା ଅଧାରାହ୍ରେ ବଉଦ-ମଥାନେ ଲଟାଉ ଲାଲିମା ତଡାନ
ଗାହୀର ଝିଲ୍ରେ କୁର୍ମି କୁମ୍ଭ ପାନି ଟୁନଟୁନ ଟୁନା ସଘାନ ||

ନୁଆନୁଆ ଫୁଲ କଳିକା ଧାରରେ ନବୀନ ସୁବାସ ମୋହନ
ବାସ ଚହଟିବ ଗୁଣେ ବଭୋରିବ ଭରଭିଲି ଏ ସମୀରଣ ||

ବତୁରା ଟୁଟିରେ ଘାନ ଘାନ ଟୁନ୍ଦେ ସଘାନ ସବୁଜ ଲିଳିମା
ଅସୀମା ଆଶାରେ ଆକାଶ ଚୁମିଲେ ମାଟିରେ ବଢିବ ମହିମା ||

ହିଲ୍ଲୋଳେ ବିହ୍ବଳେ ଚମକି ଉଠିବ ସୁରଗନୀ ତରଙ୍ଗିଣୀ
'ଶତଦ୍ରୁପା' ସମ ନୀରବେ ସ୍ରବିବ ଅଧାରୁତା କଲ୍ଲୋଳିନୀ ||

ଚିନ୍ମୟ ଆଚାର୍ଯ୍ୟ
ଶିକ୍ଷକ, ସାହିତ୍ୟ ବିଭାଗ

# ~ଃ ପ୍ରକୃତି ପରିକ୍ରମା ଃ~

ଛାତ୍ରୀ ପ୍ରଜ୍ଞା ପାରମିତା ନାୟକ
ନବମ ଶ୍ରେଣୀ

ଭ୍ରମୁଥିଲି ମୁଁ ଯେ ରମଣୀୟ ବନେ
ସୁନ୍ଦର ଗ୍ରାମର ବାଟିକା ଗହନେ
ଜାଣିଛି ଶୁଣିଛି କିଏ ତା'ର ମାଲି
ମୁଗ୍ଧତା ରେ ମୁଁ ତ ଯାଇଥିଛି ଭୁଲି ! ॥୧॥

ସହଚର ମୋ'ର କହିଗଲା କାନେ
ହେଲା ମତିଭ୍ରମ ସୁନ୍ଦର ସପନେ ?
ତାରୁ ସେ ବଚନେ ହେଲି ପ୍ରକୃତସ୍ଥ
ଲଂଘିବାକୁ ପଥ ଅରଣ୍ୟ ମଧ୍ୟସ୍ଥ ॥୨॥

ତଥାପି ସେ ବନେ ମନ ଗଲା ଲାଖି
ଗଗନୁ ପତିତ ତୁଷାରକୁ ଦେଖି
ବହିଯାଉଥିଲା ଶୀତଳ ପବନ
ହିମ ସ୍ପର୍ଶ କଲେ ଉଚ୍ଛନ୍ନ ମୋ' ମନ ॥୩॥

ଏ ଜୀବନ ମୋ'ର ସୁରମ୍ୟ ସୁନ୍ଦର
ପୃଥ୍ୱୀ ସରଜିଲେ ପ୍ରଭୁ ଚକ୍ରଧର
ଦେଖି ପ୍ରକୃତିର ଏ ଚଞ୍ଚଳ ଛବି
ହେବେ ଉତ୍ଫୁଲ୍ଲ ଶତଶତ କବି ॥୪॥

ଦେଇଛି ବଚନ ନ କରିବି ଧ୍ୟାନ
ମରଣ ପୂର୍ବରୁ ହୋଇବି ପୂରଣ
ତା' ଧନ୍ୟେ ଲଂଘିବି ଦୂରାନ୍ତର ପଥ
ଲଂଘିବି ଲଂଘିବି ଦୂରାନ୍ତର ପଥ ॥୫॥

**ସୂଚନା:-** ଇଂରାଜୀ କବି Robert Frost ଙ୍କ ରଚିତ କବିତା, 'STOPPING BY WOODS ON A SNOWY EVENING'ର ଓଡ଼ିଆ ଅନୁବାଦ 'ପ୍ରକୃତ ପରିକ୍ରମା' ।

# ପଗଡ଼ କାନି......

ବିଷ୍ଣୁଯୂ ଦାସ
ଷଷ୍ଠମ ଶ୍ରେଣୀ

ସ୍ନେହ ନୁହେଁ ଏକ ପାଣ୍ଡୁର ପତରେ
ପୁରଙ୍କନେ ଉଡ଼ିଯିବ
ପ୍ରେମ ନୁହେଁ ପତ୍ର କାଗଜର ଡ଼ଙ୍ଗା
ଓଦ ସ୍ରୋତେ ଭାସିଯିବ ॥୧॥

ପ୍ରୀତି ନୁହେଁ ଏବା କଲମ ଦୁଆତ
ଲେଖିଦେଲେ ସରିଯିବ
ଭାବ ନୁହେଁ ଏବା ବାଲୁକାର ସ୍ତୂପ
ଲହରୀରେ ଭଗ୍ନ ହେବ ॥୨॥
ହୃଦ ନୁହେଁ ଏକ ଗମ୍ଭୀର ରଜନୀ
ଉଷାଗତେ ଲୁଚିଯିବ
ମନ ନୁହେଁ ସତେ କାଚର କଣ୍ଢେଇ
ପଡ଼ିଗଲେ ଭାଙ୍ଗିଯିବ ॥୩॥
ନୁହେଁ ତାହା କେବେ ଶରତ ଶେଫାଳୀ
ରବି କରେ ଉଡ଼ିଯିବ
ଜୀବନ ନୁହେଁ ତ ବିଳାସ ବ୍ୟସନେ
ସୁଖେ ଦୁଃଖେ ବିତୁଥିବ ॥୪॥

ଅସ୍ମିତା ନୁହେଁ ତ ମାଆର ମମତା
ଚିରକାଳ ସାଥେ ଥିବ
ପଗଡ଼ କାନି ତା' ରକ୍ଷା କରୁଥିବ
ଜୀବନକୁ ସାହା ହେବ ॥୫॥

# ବିଦଗ୍ଧ ଭାରତ

ପ୍ରତ୍ୟୁଷ ରୋଶନ ପଟ୍ଟନାୟକ
ନବମ ଶ୍ରେଣୀ

କେବେ ଆର୍ଯ୍ୟାବର୍ତ୍ତେ କୋପ କୃଶାନୁରେ
କୋଟି କେତେ କ୍ଷତ୍ରୀ କରବାଳ କରେ
କରନ୍ତି କଳନା କ୍ଷୁବ୍ଧ କୁରୁକ୍ଷେତ୍ରେ
ବିଜୟ ବିଭବ ଦେଖିବାକୁ ନେତ୍ରେ ॥୧॥

କେବେ ପୁଣି କେତେ ରଥୀ ଓ ଭବେ
ଚକ୍ରବ୍ୟୂହ ସରି ଚକ୍ରାନ୍ତ ବିରଚି,
ପାରାବାର ପରେ ସେତୁବନ୍ଧ ରଚି
ନାମ ତା' ଲେଖିଲେ ଗରିମା ଗୌରବେ ॥୨॥

ପୂର୍ବରୁ ପୁନଶ୍ଚ ଭାରତବର୍ଷରେ
ସତୀ ସୁତା କେତେ ପତିବ୍ରତା ଥିଲେ,
ଜନନୀ ଜାନକୀ ଦ୍ରୌପଦୀ ଆଦି ତାରା
ବର୍ଷ ବନବାସ କରନ୍ତି ଅଚିରେ ॥୩॥

ଯେ ଭାରତେ ଦିନେ କାଳଜୟୀ କର୍ଣ୍ଣ
ମଣି ବା ମାଣିକ୍ୟ ହୀରକ ସୁବର୍ଣ୍ଣ,
ଛାର କିବା ଅହା ଜୀବନୁଂ ଦୁର୍ମୂଲ୍ୟ
କବଚ କୁଣ୍ଡଳ କରିଥିଲେ ଦାନ ॥୪॥

ସ୍ୱପ୍ନିଳ ସତେଜ ସେକାଳ ଭାରତ
ସୁପ୍ତ ଶୌର୍ଯ୍ୟ ତା'ର ଦୁର୍ମତେ ଦୂଷିତ,
ତା'ର କାଳଜୟୀ କୋଟି କୀର୍ତ୍ତିନଗ
ଲଜ୍ଜିତ ବିମୁଖ ତଥା ହୃତବମ୍ ॥୫॥

ଅନ୍ତରୁ ତାଙ୍କର ବେଦନା ବିହିତ
ଭୀଷ୍ମ ବାଣୀ ଆଜି ହୁଏ ପ୍ରକଟିତ,
"ଆରେ ନରାଧମ ନିର୍ଲଜ ନିର୍ମମ
ନିନ୍ଦା ପରିହରି ରଖ ଆମ୍ଭ ମାନ"। ॥୬॥

# ଉଷା

ପ୍ରତିଶ୍ରୀ ମୋହାନ୍ତି ନନ୍ଦ
ଶ୍ରେଣୀ-ଅଷ୍ଟମ

ଶ୍ୟାମାର ସର୍ବ କାଳିମା ବିଭ୍ରହେ
ପ୍ରାଣେ ପ୍ରାଣେ ନବ ପୁଲକ ଉଦର୍ପି
ଉଦ୍‌ବୋଧର ମୁଂ ଆଜି
ସୁପ୍ତ କାହିଁକି ହେବ ଏ ଭୁବନ
ସୁପ୍ତ ଯେ ରୁଦ୍ରରାଜି ॥୧॥

ଭ୍ରାନ୍ତିର କି ତୁମେ ଅଶରୀରୀ ସ୍ୱରେ
ନିଶିଥିନୀର ସେ ଇନ୍ଦ୍ରାଣୀ କାନ୍ଦରେ
ଅଜ୍ଞାନକୁ ଭେଦିଗଲ
ଆଗମିଲି ପୁଣି ଅନ୍ଧକାର ବିଧ୍ୱଂସୀ
ଢାଳି ପ୍ରେମା ଅଂଶୁ ଅବିଶ୍ରାନ୍ତ ॥୨॥

ଅର୍ଯ୍ୟମାର ଆର୍ଯ୍ୟ କିରଣର ସାଙ୍ଗେ
ସପ୍ତରଙ୍ଗେ ସଜା କୁସୁମ ସମ୍ଭାରେ
ବିରାଜଇ ବିଶ୍ୱମୂରେ
ନିମନ୍ତ୍ରଣ ବାଢ଼େ ଏ ଧରିତ୍ରୀକି
ବିହଙ୍ଗମର ସ୍ନିଗ୍ଧ ମଧୁର ରବେ ॥୩॥

ପ୍ରସ୍ଫୁଟିତ କଳିକାର ସୁବାସ ବିତରଇ
ପ୍ରତ୍ୟୁଷ ଆଗମନେ ଧୂମାୟିତ ହୋଇ
ଉଷା ପ୍ରତିଭାତ ଦିଗ୍‌ବଳୟେ
ହରିପଦେ ଚିଁଚା ଚିଁଚା କାକଳି
ନବ କୋକିଳର ମଳୟ ସ୍ପର୍ଶରେ ॥୪॥

ଦେଖାଇବି ଆଜି ନବ ଦିଗନ୍ତ
ଅପରୂପା ମୁଂ ଲାବଣ୍ୟ ଅନନ୍ତ
ପ୍ରସ୍ଫୁଟିତ କରେ କିଶଳୟ
ମଧୁଦୀପ୍ତ କରି ପ୍ରାଚୁର୍ଯ୍ୟ ପ୍ରଣୟ
ଦିପ୍ତୀମୟୀ ମୁଂ ସେ "ଉଷା" ॥୫॥

# ଦୀପ୍ତିମନ୍ତ ଆଭା

ଉତ୍କଳୀୟ ସୁସନ୍ତାନ ତୁମେ ଗଙ୍ଗାଧର,
ସ୍ୱଭାବ କବି ନାମେ ପାଇଛ ଆଦର,
ସାହିତ୍ୟ ସାଧକ ଆହେ କୀର୍ତ୍ତିମାନ କବି,
ସମାଜେ କେ ଭୁଲିଯିବ ତୁମ ପ୍ରତିଛବି !

ପ୍ରକୃତିକବି ଯେ ତୁମେ ଉତ୍କଳ-ସାଧକ
ନୁହଁନ୍ତି ହେବେ ବି ନାହିଁ ତୁମ ସମକକ୍ଷ,
ପ୍ରକୃତିପୂଜାରୀ ତୁମେ କଳ୍ପନା ବିଳାସୀ
ଉତ୍କଳଭୂମିରେ ତୁମ ଗାଥା ଯାଏ ରସି ।

'ପ୍ରଣୟବଲ୍ଲରୀ', 'ଇନ୍ଦୁମତୀ', 'ତପସ୍ୱିନୀ'
ଲେଖନୀ ନିସୃତ ତୁମ ଗାଥା ପୁରାତନୀ,
ତୁମରି ଗାଥାରେ ଦଶଦିଗ ଶିହରଇ,
ବିପ୍ଳବେ ଅବନୀ ତେଜେ ଆହେ ଜ୍ୟୋତିର୍ମୟୀ

କାବ୍ୟ କବିତାର ତୁମେ ଆଦ୍ୟ ତରଣୀ,
ଯୁଗେ ଯୁଗେ ଖ୍ୟାତ ତୁମ ପୁରାତନ ବାଣୀ,
ସାରସ୍ୱତ ଗନ୍ତାଘରେ ତୁମେ ଏକ ମଣି
ତୁମ୍ଭକୁ ପ୍ରଣମେ ସ୍ମରି ତୁମରି କାହାଣୀ ।

ପଦେ ପଦେ ଭରିଥିଲା ସାହିତ୍ୟ ସମୀକ୍ଷା
ଆଶ୍ଚର୍ଯ୍ୟ ହୁଏ ମୁଁ ଆଜି ଜାଣି ତବ ପ୍ରେକ୍ଷା,
ମାନେ ନାହିଁ ସୀମା ତୁମ ଲେଖନୀ କେବେ ହେଁ
ହେବି ତବ ସମ ମୁହିଁ ଆଶିଷ ଦିଅ ହେ ।

—: ଛାତ୍ରୀ ଶ୍ରୀତମ ମିଶ୍ର
ନବମ ଶ୍ରେଣୀ

# ମୌନ ବିପ୍ଳବୀ

ରଚୟିତ୍ରୀ ଜ୍ୟାସ୍ମିନ ପାରଭିନ
ନବମ ଶ୍ରେଣୀ

ଶାଣିତ ମୁନେ ଅଙ୍କିତ ତୁମ
ଅସଂଖ୍ୟ ଅନେକ ହୃଦ ଗାଥା
ପୁଣି ମୁଖରିତ ହେଉଛି କେତେ
ହ୍ରୀଳାଗୁମ୍ଫ ଉଦରର ବ୍ୟଥା
ତଥାପି ଥମିଯାଇ ନାହିଁ ତୁମେ
ଆଜି ବି ଚାଲୁଛ ଦୁର୍ବିସହ ସତ୍ୟ କଥା ॥

ଏ ପରିବର୍ତ୍ତିତ ଯୁଗ ମଧ୍ୟେ
ତୁମ ଅତୁଳୈଶ୍ୱର୍ଯ୍ୟ ହୋଇ ନାହିଁ ପାରିଧି
ପାରିପନ୍ଥିକ କରି ନାହିଁ ହ୍ରାସ
ତୁମ ବିଦ୍ରୋହୀ ମୁନର ଟଙ୍କାର
ଅନୁରାଗୀ ତୁମ ଯେବେ ହୁଏ ପାର
ଛୁଇଁ ଛୁଇଁ ତଥାପି ସମ୍ବାଦ ତବ ଗୀତ କାବ୍ୟ ॥

ତୁମ ହସ୍ତେ ଲିଖିତ ପିତାମ୍ବର ଚରିତ
ପ୍ରକୃତି ଜଡ଼ିତ ଉପନ୍ୟାସ ତୁମ
ଦେଖିପାରେ ଜୀମୂତ, କୋକିଳ, କୁରଙ୍ଗ ଭାଷା
ନବଯୁଗ ମଧ୍ୟ ଦେଖୁଛି
ତୁମ ହସ୍ତେ କରାଇଛି ତାଙ୍କୁ
ତାହିଁ ପରିପୂର୍ଣ୍ଣ ଧର୍ମ, ମୈତ୍ରୀ, ହରେ କାନ୍ତି ॥

ଅମୂଲ୍ୟ ହେ ତୁମ ଥାଏ ସାମର୍ଥ୍ୟ
ଅକଳନ୍ତି ଅତୁଳନୀୟ ଗାଥା ସମ୍ଭାରେ
ଫୁଟି ଦେଉଛ ମଡ଼ାମୁଖେ ହାସ୍ୟ
ଯେ ମଣିଲେ ବି ତୁମକୁ ମୂଲ୍ୟହୀନ
ସମ୍ମାନିତ ତୁମେ ମହାପୁରୁଷ ହସ୍ତେ
ଶୋଭିତ ଯେ ତୁମେ ବିଶ୍ୱରାଜ କରେ ॥

ହେ ମୋ ପ୍ରିୟ ବନ୍ଧୁ,
ତୁମ ହସ୍ତ ଅନୁପ୍ରାଣିତ ଯେ ବିଦ୍ୱାନ ଗଣ
ସ୍ୱହସ୍ତେ ତୁମ ଯୋଗେ ଅଳଙ୍କୃତା କରନ୍ତି।
ତୁମ ସ୍ପର୍ଶେ ଆଜି,
ତବ ସ୍ମୃତି ପ୍ରଗଳଭ।
ମୋ ଲେଖନୀ.......
ଅନୁଚ ଦଣ୍ଡବତ ମୁଁ ପ୍ରଣତ ବଦନୀ ॥

# ବାର ପାଖୁଡାର ଫୁଲ

ପ୍ରିତିଶ୍ରୀ ଜେନା
ସପ୍ତମ ଶ୍ରେଣୀ

ଗୋଟିଏ ଫୁଲରେ ବାରଟି ପାଖୁଡା
କେହି କାହାପରି ନୁହେଁ,
ବରଷକ ସାରା ଫୁଲ ପାଖୁଡାର
ରଙ୍ଗଟ ବଦଳୁ ଥାଏ,
ଛଅ ପାଖୁଡାଟି ମଉଳି ଯାଉଛି
ବଇଶାଖ ଖରା ତେଜେ,
ତା' ପର ପାଖୁଡା ଖୁସିରେ ହସୁଛି
ବରଷାର ଭିଜା ଶେଯେ,
ବିନ୍ଦୁ ବିନ୍ଦୁ କରି କାକର ଟୋପାରେ
ହସେ ତୃତୀୟ ପାଖୁଡ଼ା,
ଚତୁର୍ଥ ପାଖୁଡା ଦିଶୁଛି ଯେମିତି
ଭୋଗଥାଳୀ ପାଖେ ଉଖୁଡା,
ପଞ୍ଚମ ପାଖୁଡ଼ା ଜାକିଜୁକି ହୋଇ
ଉଷୁମ ଖୋଜୁଛି ଭିତରେ,
ରଙ୍ଗ ଭରିଛି ନିଜର ଦେହେ
ପୁଷ୍ପ ଭରି ଫୁଲ ଉପରେ,
ରଙ୍ଗ ବେରଙ୍ଗର ଆଉ ଯେ ପାଖୁଡା
ସୁବାସ ବିତରି ବିତରି,
ନୂଆ ବରଷର ଗୀତ ଗାଇ ଗାଇ
ଖୁସିରେ ପଡନ୍ତି ଉଛୁରି ॥